# Akashvani, Sambalpur

# SAMBALPURI NEWS EVENING BULLETIN

## 19 March 2026-7.02- 7.12 pm.

---

୧- କଟକ ଏସ୍‌ସିବି ମେଡିକାଲ୍ ଅଗ୍ନିକାଣ୍ଡ ଘଟ୍‌ନାକେ ନେଇକରି ଆଏଜ୍ ଭିଲ୍ ବିଧାନସଭା ନ ବିରୋଧି ସଦସ୍ୟମାନେ କଲେ ହୋ-ହଲ୍ଲା ।

୨- ନୂଆପଡ଼ା ଜିଲ୍ଲା ନ ହୀରା ଆଉ କଳାହାଣ୍ଡି ଜିଲ୍ଲା ନ ମାଣିକ୍ୟ ଖଣିର୍ ସନ୍ଧାନ ମିଲିଛେ- ଗୃହକେ ସୂଚ୍‌ନା ଦେଲେ ଖଣି ମନ୍ତ୍ରୀ ।

୩- ସିପିଇଟି ପ୍ରବେଶିକା ପରୀକ୍ଷାର୍ ଆବେଦନ୍ ସମିଆ ବଢ଼୍‌ଲା ଆଏବା ୨୮ ତାରିଖ୍‌ତକ୍ ।

ଆଉର୍

୫- କାଲ୍‌ବୈଶାଖିର୍ ପ୍ରଭାବ୍‌ଥି ଆଏବା ୪ ଦିନ୍ ତକ୍ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ବର୍ଷା ନେଇକରି ସତର୍କ କଲା ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ।

ବିଧାନ ସଭା        ଭୁବନେଶ୍ୱର ସମ୍ବାଦଦାତା

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନ୍‌ର ଦୁଇ ନମ୍ବର ଖେପ୍‌ର ୯ ନମ୍ବର ଦିନେ ଆଏଜ୍ ଭିଲ୍ କଟକ ଏସ୍‌ସିବି ମେଡିକାଲ୍ କଲେଜ୍ ଅଗ୍ନିକାଣ୍ଡ ଘଟ୍‌ନାକେ ନେଇକରି ବିରୋଧି ସଦସ୍ୟମାନେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କର୍ ଇସ୍ତଫା ଦାବି କରି କରି ଜବର୍ କିର୍ଲାଗଗା କରିଥିଲେ । ଇଥିର୍‌ଲାଗି ବିଧାନ ସଭାନ ଆଏଜ୍ ଭିଲ୍ ଗୃହକାର୍ଯ୍ୟ ଠିକ୍ ଭାବେ ନାଇ ଚାଲିପାରି । ବାଚସ୍ପତି ସୁରମା ପାଢ଼ୀ ବିରୋଧି ସଦସ୍ୟମାନ୍‌ଙ୍କୁ ପ୍ରଶ୍ନୋତର କାର୍ଯ୍ୟକ୍ରମ୍‌ଥି ସହଯୋଗ୍ କର୍‌ବାର୍ ଲାଗି ନିବେଦନ୍ କରିଥିଲେ । ହେଲେ ବିରୋଧି ସଦସ୍ୟମାନେ ହୋହଲ୍ଲା କର୍‌ବାର୍‌ନୁ ବାଚସ୍ପତି ଗୃହକେ ବାର୍ ବାର୍ ମୁଲତବୀ ଘୋଷଣା କରିଥିଲେ । ଗୃହ କାମ୍ ସ୍ୱାଭାବିକ୍ ନାଇଁ ହେବାର୍‌ନୁ ଶେଷେ ବାଚସ୍ପତି ସର୍ବଦଲୀୟ ବୈଠକ୍ ଡାକିଥିଲେ । ବୈଠକ୍‌ଥି ବିରୋଧି ଦଲର୍ ଉପନେତା, ଉପମୁଖ୍ୟମନ୍ତ୍ରୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ, ଆଇନ ମନ୍ତ୍ରୀ, ସରକାରୀ ଦଲର୍ ମୁଖ୍ୟ ସଚେତକ ପ୍ରମୁଖ୍ ଯୋଗ୍ ଦେଇଥିଲେ ।

ବିରୋଧି ସଦସ୍ୟମାନ୍‌କର ହୋ-ହଲ୍ଲା ଭିତ୍‌ରେ ମନ୍ତ୍ରୀମାନେ ଆଏଜ୍ ବିଧାନ ସଭା ନ ଭିନ୍ ଭିନ୍ ପ୍ରସଙ୍ଗଥି ଉତର୍ ରଖିଥିଲେ ।

ଖଣି ମନ୍ତ୍ରୀ-ସୁନା ହୀରା ସନ୍ଧାନ ଭୁବନେଶ୍ୱର ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ କଲ୍‌ମିଦାଦର୍ ନ ମାଏଟ୍‌ତଲେ ହୀରା ଭଣ୍ଡାର୍ ରହିଥିବାର୍ ବେଲେ କଳାହାଣ୍ଡି ଜିଲ୍ଲାର୍ ଜୁନାଗଡ଼ ବ୍ଲକ୍ ହିଞ୍ଜଲିବାହେଲିର ଜିଲିଙ୍ଗ୍‌ଦର୍ ନ ମାଏଟ୍‌ତଲେ ମାଣିକ୍ୟ ଥିବାର୍ ଚିହ୍ନଟ୍ କରାଯାଇଛେ ବଲି ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା ଆଏଜ୍ ବିଧାନସଭା ନ ସୂଚ୍‌ନା ଦେଇଛନ୍ । ମନ୍ତ୍ରୀ ଶ୍ରୀ ଜେନା କହିଛନ୍, ଓଡ଼ିଶାର୍ ମାଏଟ୍ ତଲେ ଭର୍‌ପୁର ମାତ୍ରାଥି ହୀରା ଭଣ୍ଡାର୍ ଅଛେ । ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ ଆଦାସ-ରାମପଲ୍ଲୀ ଇଲାକା ନ ତମ୍ବା ପଥର, ଗ୍ରାଫାଇଟ୍, ନିକେଲ୍ ସଙ୍ଗେ ସୁନା ଥିବା ଜନାପଡ଼ିଛେ । ମୟୁରଭଞ୍ଜ ଜିଲ୍ଲାର କୁଲିଅଣା ବ୍ଲକ୍ ମଦନାସାହି-କାଞ୍ଜିଆ ଇଲାକା ନ ତମ୍ବା ପଥର୍ ସଙ୍ଗେ ସୁନା ଆଉ କେନ୍ଦୁଝର ଜିଲ୍ଲା ବଂଶପାଳ ବ୍ଲକ୍ ଗୋପୁର-ଜଳଡିହି ନ ସୁନାପଥର୍ ଥିବାର୍ ଜନାପଡ଼ିଛେ ବଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ ।

ଜଲ୍‌ସେଚନ୍ ସାମର୍ଥ୍ୟ-ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ସମ୍ବାଦଦାତା

ରାଜ୍ୟର୍ ପାଖାପାଖି ୫୨ ଲାଖ୍ ୧୦ ହଜାର ୫ ଶହ ୭୦ ହେକ୍ଟର ଜମିକେ ଗଲାବଛର୍ ଡିସେମ୍ବର ମାସ୍ ଭିତ୍‌ରେ ଜଲ୍‌ସେଚନ୍ ଯୋଗ୍ୟ କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହ ନ ଆଏଜ୍ ଗୁଟେ ଲିଖିତ୍ ପ୍ରଶ୍ନର୍ ଉତର୍‌ଥି କହିଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ବୃହତ୍ ଆଉ ମଧ୍ୟମ ଜଲ୍‌ସେଚନ୍ ପ୍ରକଳ୍ପ, ବୃହତ୍ ଉଠାଜଲ୍‌ସେଚନ୍ ପ୍ରକଳ୍ପ, କ୍ଷୁଦ୍ର ଜଲ୍‌ସେଚନ୍ ପ୍ରକଳ୍ପ ଆଉ ଅଲ୍‌ଗା ପାଏନ୍ ଉସ୍ଥ ଜରିଏ ଇଟା ସମ୍ଭବ ହେଇଛେ । ବରଗଡ଼୍ ନ ସବୁନୁ ଜହ ୪ ଲାଖ୍ ୧୪ ହଜାର ୪ ଶହ ୯୮ ହେକ୍ଟର ଜମିକେ ଜଲ୍‌ସେଚନ୍ ଯୋଗ୍ୟ କରାଯାଇଛେ । ୨୦୨୫-୨୬ ଆର୍ଥିକ୍ ବଛ୍‌ରେ ରାଜ୍ୟର୍ ଫି ଜିଲ୍ଲା ନ ଜଲ୍‌ସେଚନ୍ ବଢ଼ାବାର୍ ଲାଗି ଜଲ୍ ସମ୍ପଦ୍ ବିଭାଗ୍ ତର୍‌ଫୁ ଯୋଜ୍‌ନା କାର୍ଯ୍ୟକାରୀ କରାଯାଉଛେ । ଭିନ୍ ଭିନ୍ ଜଲ୍‌ସେଚନ୍ ପ୍ରକଳ୍ପ କାର୍ଯ୍ୟକାରୀ କରି କରି ପାଖାପାଖି ୨ ଦଶମିକ୍ ୭/୭ ଲାଖ୍ ହେକ୍ଟର୍ ଜମିକେ ଜଲ୍‌ସେଚନ୍ ସୁବିଧା ଯୁଗେଇ ଦେବାର୍‌କେ ସରକାର ଲକ୍ଷ୍ୟ ରଖିଛନ୍ । ରାଜ୍ୟର୍

୨୫ଟା ବ୍ଲକ୍ ନ ଇଛେନ୍‌ତକ୍ ୩୫ ପ୍ରତିଶତ୍ ଜଲ୍‌ସେଚନ୍ ନାଇ ହେଇପାରି ବଲି ମୁଖ୍ୟମନ୍ତ୍ରୀ ଗୃହକେ ସୂଚ୍‌ନା ଦେଇଛନ୍ ।

ବିଧାନ ସଭା-ଡପ୍‌ଲର୍ ରାଡାର୍ ଭୁବନେଶ୍ୱର ସମ୍ବାଦଦାତା

ପ୍ରାକୃତିକ ବିପର୍ଯ୍ୟୟର୍ ଆଗ୍‌ତୁରା ସୂଚ୍‌ନା ଲାଗି ଗୋପାଲପୁର ନ ରାଜ୍ୟ ସରକାରଙ୍କର୍ ତର୍‌ଫୁ ଡପ୍‌ଲର୍ ୱେଦର୍ ରାଡାର୍ କେନ୍ଦ୍ର ଥାପ୍‌ନା କରାଯାଇଛେ । ଇତାର୍ ସହେତେ ସମ୍ବଲପୁର ଆଉ ବାଲେଶ୍ୱର ଜିଲ୍ଲା ନ ଡପ୍‌ଲର୍ ୱେଦର୍ ରାଡାର୍ କେନ୍ଦ୍ରର୍ ନିର୍ମାଣ କାମ୍ ଚାଲିଛେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲ୍‌ନା ମନ୍ତ୍ରୀ ସୁରେଶ ପୂଜାରୀ ବିଧାନ ସଭା ନ ସୂଚ୍‌ନା ଦେଇଛନ୍ । ଇତାର୍‌ଛଡ଼ା ଭୁବନେଶ୍ୱର୍‌ର ରୋଟି କେମ୍ପସ୍ ନ ଗୁଟେ ଏକ୍ସ ବେନ୍ ଡପ୍‌ଲର୍ ୱେଦର୍ ରାଡାର୍ କେନ୍ଦ୍ର ଥାପ୍‌ନା ଲାଗି ସରକାରଙ୍କର ମଞ୍ଜୁରୀ ମିଲିଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ବିଧାନ ସଭା-ପରିବହନ ମନ୍ତ୍ରୀ ଭୁବନେଶ୍ୱର ସମ୍ବାଦଦାତା

ରାଏଜେ ଜଲ୍‌ପଥର୍ ବିକାଶ ଲାଗି ଜାତୀୟ ଜଲ୍‌ମାର୍ଗ ନୀତି ୨୦୧୬ ଅଧିନ୍‌ଥି କେନ୍ଦ୍ର ସରକାର ୬ଟା ଜଲ ମାର୍ଗକେ ଜାତୀୟ ଜଲମାର୍ଗ ଭାବେ ଘୋଷଣା କରିଛନ୍ ବଲି ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା କହିଛନ୍ । ବିଧାୟକ ଟଙ୍କଧର ତ୍ରିପାଠୀଙ୍କର ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ଜେନା କହିଛନ୍, ଜାତୀୟ ଜଲମାର୍ଗ-୫, ୧୪, ୨୨, ୨୩, ୬୪ ଆଉ ୯୬ର ବିକାଶ ଲାଗି ୧୨ ହଜାର ୨ ଶହ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ । ଇତାର୍ ଜରିଏ ସଡ଼କ ଆଉ ରେଲ୍‌ପଥ ଉପ୍‌ରେ ଥିବା ପରିବହନ ଚାପକେ କମ୍ କରାଯିବାର୍ ସହେତେ ଖର୍ଚ୍ଚା ଆଉ ସମିଆ ଭିଲ୍ ବଂଚାଯାଇ ପାର୍‌ବା ବଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ ।

ବିଲୁପ୍ତ ଖାଦ୍ୟ ସୁରକ୍ଷା-ଏମ୍‌ଓୟୁ ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟର୍ ବିଲୁପ୍ତ ହେଇଥିବା ଆଉ ବିଲୋପନ୍ ହେବାର୍‌କେ ଯାଉଥିବା ଖାଦ୍ୟ ଶସ୍ୟମାନ୍‌କର ପୁନରୁଦ୍ଧାର୍ ଲାଗି ରାଜ୍ୟ ସରକାର ଗୁଟେ ଖାସ୍ ଯୋଜ୍‌ନା ଆନିଛନ୍ । ରାଜ୍ୟର୍ ୧୫ଟା ଜିଲ୍ଲାର ୨୫ଟା ଜୈବ ବିବିଧତାର୍ ଭର୍‌ପୁର ବ୍ଲକ୍ ଗନ୍ଧମାର୍ଦ୍ଦନ୍,

ନିୟମଗିରି, ସୁନାବେଢ଼ା, ସାତକୋଶିଆ, ଗୁପ୍ତେଶ୍ୱର, ମାଲ୍ୟଗିରି ଆଉ ଶିମିଳିପାଲ ଭାଗିର୍ ଜାଗା ନ ଯୋଜ୍ନାକେ କାର୍ଯ୍ୟକାରୀ କରାଯିବା । ଇଥିର୍ଲାଗି  ରାଜ୍ୟ କୃଷି ଆଉ କୃଷକ ସଶକ୍ତୀକରଣ ବିଭାଗ୍ ତର୍ଫୁ ଓ୍ୱାସନ୍ ସଂସ୍ଥା ସଙ୍ଗେ ୨ ଶହ ୪୭ କୋଟି ଟଙ୍କାନୁ ଅଏତ୍କା ଟଙ୍କାର୍ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଯୋଜ୍ନା ଆଏବା ୫ ବଛର୍ ଲାଗି କାର୍ଯ୍ୟକାରୀ କରାଯିବା । ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମ୍ଥି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗ୍ ଦେଇକରି ଖାଦ୍ୟ ହିଁ ପରମ୍ପରାକେ ବଁଚେଇକରି ରଖ୍ସି ଆଉ ଇତାର୍ ସୁରକ୍ଷା ଆମର୍ ପରମ୍ପରାର୍ ସୁରକ୍ଷା ଆଏ ବଲି କହିଛନ୍ ।

ଡାକ୍ତରଖାନା ଅଗ୍ନିନିରାପତା          ହି.ସ.

ରାଜ୍ୟର୍ ମେଡିକାଲ୍ କଲେଜ୍, ଡାକ୍ତରଖାନା ଆଉ ଭିନ୍ ଭିନ୍ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ନ ଅଗ୍ନି ନିରାପତା ମାପ ଆଉ ବୈଦ୍ୟୁତିକ୍ ସୁରକ୍ଷା ଯାଂଚ୍ର୍ ଅନୁପାଳନ୍ ଲାଗି ଆଏଜ୍ ରାଜ୍ୟ ପୂର୍ତ ବିଭାଗ୍ ତର୍ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ଯାଂଚ୍ ସମିଆଥି

କେନ୍‌ସି ଭିଲ୍ ତ୍ରୁଟି ସାମ୍ନାକେ ଆସ୍‌ଲେ ଡାକ୍ତରଖାନା ଭିତିଭୂମି ଆଉ ବାସିନ୍ଦାଙ୍କର୍ ସୁରକ୍ଷା ଦେବାର୍ ଲାଗି ପ୍ରାଥମିକତା ଦୃଷ୍ଟି ନୁ ତୁର୍‌ତି ସଂଶୋଧନ୍ ମୂଲକ୍ କାର୍ଯ୍ୟାନୁଷ୍ଠାନ୍ ନେବାର୍‌କେ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ସିପିଇଟି ଆବେଦନ୍ ଆଇ.ଆଣ୍ଡ୍.ପି.ଆର

ଉଚ୍ଚ ଶିକ୍ଷା ବିଭାଗ୍ ତର୍‌ଫୁ ହେଉଥିବା ଏକକ ସ୍ନାତକୋତର ପ୍ରବେଶିକା ପରୀକ୍ଷା-ସିପିଇଟି ଲାଗି ଆବେଦନ୍‌ର ସମିଆ ମାର୍ଚ୍ଚ ୨୨ ତାରିଖ୍‌ତକ୍ ବଢ଼ାଯାଇଛେ । ପରୀକ୍ଷା ଲାଗି ଆଗ୍ରହୀ ଥିବା ଛାତ୍ରଛାତ୍ରୀମାନେ ମାର୍ଚ୍ଚ ୨୨ ତାରିଖ୍ ରାତିର୍ ୧୧ ବାଜିକରି ୪୫ ମିନିଟ ଭିତ୍‌ରେ ସାମ୍‌ସ ପୋର୍ଟଲ୍ ଜରିଏ ଆବେଦନ୍ କରିପାର୍‌ବେ । ଆଗୋନୁ ଇଥିର୍ ଲାଗି ମାର୍ଚ୍ଚ ୧୮ ତାରିଖ୍ ସମିଆ ରଖାଯାଇଥିଲା । ମାତର୍‌କର ଛାତ୍ରଛାତ୍ରୀମାନ୍‌କର ସ୍ୱାର୍ଥକେ ନଜର୍‌ଥି ରଖିକରି ଇ ସମିଆ ବଢ଼ାଯାଇଛେ ବଲି ଉଚ୍ଚ ଶିକ୍ଷା ବିଭାଗ୍ ତର୍‌ଫୁ କୁହାଯାଇଛେ ।

ସୂଚ୍‌ନା ଅନ୍‌ସାରେ ସିପିଇଟି ପ୍ରବେଶିକା ପରୀକ୍ଷାର୍ ମାର୍କା ଆଧାର୍‌ଥି ଛାତ୍ରଛାତ୍ରୀମାନେ ଭିନ୍ ଭିନ୍ ଉଚ୍ଚ ଶିକ୍ଷାନୁଷ୍ଠାନ ନ ସ୍ନାତକୋତର ପାଠ୍ୟକ୍ରମ ଲାଗି ନାଁ ଲେଖେଇ ପାର୍‌ବେ ।

ରାଷ୍ଟ୍ରୀୟ ନୂଆବଛର୍ ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ଚଇତ୍ ମାସର୍ ଉଜଲ୍ ପଖର୍ ପ୍ରତିପଦା ତିଥି ଅବ୍‌ସରେ ଆଏଜ୍ ରାଷ୍ଟ୍ରୀୟ ନବବର୍ଷ ସହେତେ ଭିନ୍ ଭିନ୍ ରାଜ୍ୟ ନ ନୂଆବଛର୍ ପାଲନ୍ କରାଯାଉଛେ । ଇ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇକରି କହିଛନ୍, ଦେଶର୍ ଭିନ୍ ଭିନ୍ ଇଲାକାର୍ ନୂଆବଛର୍ ଉତ୍ସବ ଭାରତର ସମୃଦ୍ଧ ସାଂସ୍କୃତିକ୍ ବିବିଧତାର୍ ଉଲ୍ଲାସ୍‌ଭରା ପ୍ରତୀକ୍ ଆଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜନେଇକରି ଇ ନୂଆ ବଛର୍ ସମ୍‌କର ଜୀବନ୍‌ଥି ସାହାସ୍, ଆତ୍ମବିଶ୍ୱାସ ଆଉ ସେବା ଭାବନାକୁ ଆହୁରି ବର୍‌କସ୍ କର୍‌ବା ବଲି କହିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇକରି କହିଛନ୍, ଦେଶର୍ ଐତିହାସିକ୍, ସାଂସ୍କୃତିକ୍ ଆଉ

ଆଧ୍ୟାତ୍ମିକ୍ ପରମ୍ପରାଥି ଗୁରୁତ୍ୱ ରଖୁଥିବା ଆଝିରର୍ ଦିନ୍ ସମ୍‌କର ଜୀବ୍‌ନେ ସୁଖ୍, ଶାନ୍ତି ଆଉ ସମୃଦ୍ଧି ଭରିଦଉ । ବସୁଧୈବ କୁଟୁମ୍ବକମ୍ ଭାବ୍‌ନାଥି ଅନୁପ୍ରାଣିତ୍ ହେଇକରି ଗୁଟେ ସମୃଦ୍ଧ ଓଡ଼ିଶା ଆଉ ବିକଶିତ୍ ଭାରତ୍ ଗଠନ୍ ଦିଗେ ଆଗ୍‌କେ ଆସ୍‌ବାର ଲାଗି ମୁଖ୍ୟମନ୍ତ୍ରୀ ସମ୍‌କୁ ଆହ୍ବାନ୍ ଦେଇଛନ୍ ।

ରାଷ୍ଟ୍ରୀୟ ନବବର୍ଷ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ ନ ଆଏଜ୍ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ- ଆର୍‌ଏସ୍‌ଏସ୍ ଜିଲ୍ଲା ଶାଖା ତର୍‌ଫୁ ରାଷ୍ଟ୍ରୀୟ ନବବର୍ଷ ପାଳନ୍ କରାଯାଇଛେ । ଇ ଅବ୍‌ସରେ ହେଇଥିବା ଗୁଟେ ପଥ ସଂଚଳନ କାର୍ଯ୍ୟକ୍ରମ୍‌ଥି ସ୍ୱୟଂସେବକମାନେ ନଗର ପରିକ୍ରମା କରିଥିଲେ । ଇତାର୍ ସହେତେ ଖଡ଼ିଆଲ ଅଗ୍ରସେନ ଭବନ୍ ପରିସର ନ ଗୁଟେ ବୌଦ୍ଧିକ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଥିଲା ।

ପଖାଳ ପର୍ବ ଆଇ.ଆଣ୍ଡ୍.ପି.ଆର

ରାଜ୍ୟ ପର୍ଯ୍ୟଟନ ବିଭାଗ୍ ତର୍ଫୁ ଭୁବନେଶ୍ୱର ପାନ୍ଥ ନିବାସ ପରିସର୍ ନ ଆଏଜ୍ ପଖାଲ୍ ପର୍ବ ୨୦୨୬ ଆୟୋଜନ୍ କରାଯାଇଛେ । ଇ ଅବ୍‌ସରେ ପଖାଲ୍‌କେ ନେଇକରି ଗୁଟେ କର୍ମଶାଲାର୍ ଆୟୋଜନ୍ କରାଯାଇଥିଲା । କର୍ମଶାଲାଥି ପଖାଲ୍ ଉପ୍‌ରେ ଗବେଷଣା କରିଥିବା ବ୍ୟକ୍ତିବିଶେଷ, ଡାକ୍ତର ଆଉ ଓଡ଼ିଆ ଖାଦ୍ୟଥି ରୁଚି ରଖୁଥିବା ବ୍ୟକ୍ତିବିଶେଷ୍ ଯୋଗ୍ ଦେଇଥିଲେ । ଇତାର୍ ସହେତେ ୪୦ ରକ୍‌ମର୍ ଚାଉଲ୍‌ର ପ୍ରଦର୍ଶନ୍ କରାଯାଇଛେ । ଆଏବକାଏଲ୍ ହେବାର୍‌କେ ଥିବା ପଖାଲ ଦିବସ୍ ମୁଖ୍ୟ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ମହିଳା ଜନଶୁଣାଣି ଶିବିର କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ନ ଜାତୀୟ ମହିଳା ଆୟୋଗ୍ ଆଉ ରାଜ୍ୟ ମହିଳା ଆୟୋଗ୍ ତର୍ଫୁ ଗଲାକାଏଲ୍ ଜନଶୁଣାଣି ଶିବିର୍ ହେଇଯାଇଛେ । ଶିବିର୍‌ଥି ରାଜ୍ୟ ମହିଳା ଆୟୋଗ୍ ଅଧ୍ୟକ୍ଷା ଶୋଭ୍‌ନା ମହାନ୍ତି ଯୋଗ୍ ଦେଇକରି

ମହିଳାଙ୍କର୍ ବିରୋଧିଥି ହଉଥିବା ଘରୋଇ ହିଂସା, ନିର୍ଯାତନା, ସମ୍ପତି ବିବାଦ, କାର୍ଯ୍ୟସ୍ଥଲ ନ ନିର୍ଯାତନା, ସାଇବର୍ ଅପରାଧ ବାବଦ୍ ଭିନ୍ ଭିନ୍ ମାମଲାର୍ ଶୁଣାଣି କରିଛନ୍ । ଇ ଅବ୍ସରେ ହସ୍ତଗତ୍ ହେଇଥିବା ୨୦ଟା ମାମ୍ଲା ଭିତ୍ରୁ ୧୮ଟା ମାମଲାର୍ ଶୁଣାଣି କରାଯାଇଥିଲା । ୫ଟା ମାମ୍ଲାର୍ ଫଇସଲା କରାଯାଇଥିଲା ।

ଫିଟ୍ ଇଣ୍ଡିଆ କାର୍ନିଭାଲ୍ ପୁରୀ ସମ୍ବାଦଦାତା

ସଭେ ସୁରକ୍ଷିତ୍ ରହୁନ୍ ଆଉ ସ୍ୱାସ୍ଥ୍ୟ ସୁରକ୍ଷିତ୍ ରହୁ ବାର୍ତା ନେଇକରି କ୍ରୀଡ଼ା ଆଉ ଯୁବବ୍ୟାପର ମନ୍ତ୍ରଣାଳୟ ତର୍ଫୁ ଆଏବା ୨୧ ନୁ ୨୩ ତାରିଖ୍ତକ୍ ପୁରୀ ନ ଫିଟ୍ ଇଣ୍ଡିଆ କାର୍ନିଭାଲ୍ର ଆୟୋଜନ୍ କରାଯାଇଛେ । ଫିଟ୍ ଇଣ୍ଡିଆ କାର୍ନିଭାଲ୍କେ ନେଇକରି ପୁରୀ ସର୍କିଟ୍ ହାଉସ୍ ନ ଆଏଜ୍ ଅତିରିକ୍ତ ଜିଲ୍ଲାପାଲ ଶରତ ଚନ୍ଦ୍ର ବେହେରାଙ୍କର ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ୨୧ ତାରିଖ୍ଦିନ ସଖାଲର୍ ୬ ବଜେନୁ ୯ ବଜେତକ୍ ଆଉ ଉପରବେଲା ସାଢ଼େ ୪ ବଜେନୁ ରାତିର୍ ସାଢ଼େ ୮ ବଜେତକ୍ ଦୁଇଟା ଖେପ୍ଥି କାର୍ଯ୍ୟକ୍ରମ୍ ଆୟୋଜନ୍

କରାଯିବା । ଇ ଅବ୍‌ସରେ ଯୋଗ ପ୍ରଶିକ୍ଷଣ, ଜୁମ୍ବା ସହେତେ ଭିନ୍ ଭିନ୍ କ୍ରୀଡ଼ାର୍ ଆୟୋଜନ୍ କରାଯିବା ବଲି ବୈଠକ୍ ନ ସୂଚ୍‌ନା ଦିଆଯାଇଛେ ।

ଶ୍ରୀମନ୍ଦିର ପ୍ରଚାର ପ୍ରସାର କମିଟି ବୈଠକ୍      ପୁରୀ ସମ୍ବାଦଦାତା

ସ୍କନ୍ଦ ପୁରାଣର ପୁରୁଷୋତମ ମାହାତ୍ମ୍ୟ ଓଡ଼ିଆ, ହିନ୍ଦୀ, ଇଂରାଜୀ ଆଉ ସଂସ୍କୃତ୍ ଭାଷାଥି ଲେଖାଯାଇକରି ବହିର୍ ଡିଜିଟାଲ୍ କରଣ କରାଯିବା ବଲି ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବ କହିଛନ୍ । ପୁରୀ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସର ନ ଗଲାକାଏଲ୍ ଗଜପତି ମହାରାଜଙ୍କର ଅଧ୍ୟକ୍ଷତାଥି ହେଇଥିବା ଶ୍ରୀ ମନ୍ଦିର ପ୍ରଚାର, ପ୍ରସାର୍ କମିଟିର୍ ବୈଠକ୍‌ଥି ଇ ବାବ୍‌ଦେ ନିଷ୍ପତି ନିଆଯାଇଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ଆଏବା ୪ ଦିନ୍‌ତକ୍ ବର୍ଷା ହେଇପାରେ ବଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ

କେନ୍ଦ୍ର ତରଫ୍ରୁ ଅନୁମାନ୍ କରାଯାଇଛେ । କେନ୍ଦ୍ରର୍ ସୂଚ୍ନା ଅନ୍ସାରେ, ଗଲା ୨୪ ଘଂଟା ଭିତ୍ରେ ରାଜ୍ୟର୍ କେତେଟା ଜାଗା ନ ହାଲ୍କାନୁ ମଧମ୍ ଧରଣର୍ ବର୍ଷା ହେଇଛେ । କୋରାପୁଟ୍ ଜିଲ୍ଲାର୍ ବୋରିଗୁମ୍ମା ନ ସବୁନୁ ଜହ ୫୭ ଦଶମିକ୍ ୪ ମିଲିମିଟର୍ ବର୍ଷା ରେକର୍ଡ କରାଯାଇଛେ । ଦକ୍ଷିଣ ଓଡ଼ିଶା ଆଉ ଉତର ଓଡ଼ିଶାର୍ ସମୁଦ୍ର ଖଣି ଇଲାକାମାନ୍କେ ବର୍ଷା ହେଇପାରେ ବଲି ପାଣିପାଗ କେନ୍ଦ୍ର ତରଫ୍ରୁ କୁହାଯାଇଛେ ।